ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/OHRC(OD)/582/27-10-2025

## ଭିସି ମାଧ୍ୟମରେ ମାମଲାର ଶୁଣାଣି ଆରମ୍ଭ

# ୩ ଗୋଟି କେସ୍‌ର ଶୁଣାଣି କଲେ ମାନବାଧିକାର ଆୟୋଗ

ଭୁବନେଶ୍ୱର ୨୭/୧୦/୨୦୨୫

ଓଡ଼ିଶା ମାନବାଧିକାର କମିଶନଙ୍କ କାର୍ଯ୍ୟାଧାରା ସହଜ ଓ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ କମିଶନ ଚଳିତ ମାସ ୨୭ ତାରିଖରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଶୁଣାଣି କରିବା ପାଇଁ ଘୋଷଣା ପୂର୍ବକ ପ୍ରକ୍ରିୟା ଆରମ୍ଭ କରିଥିଲେ । ଆଜି ଏହି କ୍ରମରେ ୩ ଗୋଟି କେସ୍‌ର ଭିଡିଓ କନଫରେନ୍ସିଂ ମାଧ୍ୟମରେ ଶୁଣାଣି କରାଯାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି ।

ମାନ୍ୟବର ଅଧ୍ୟକ୍ଷ ଶ୍ରୀ ଜଷ୍ଟିସ ଶତ୍ରୁଘ୍ନ ପୂଜାରୀଙ୍କ ଅଦାଲତରେ ମୋଟ ୮୮ଟି ମାମଲା ତାଲିକାଭୁକ୍ତ ହୋଇଥିଲାବେଳେ ତନ୍ମଧ୍ୟରୁ ଢେଙ୍କାନାଳ ଜିଲ୍ଲାର ୨ଟି ମାମଲା ଭିଡିଓ କନଫରେନ୍ସ ମାଧ୍ୟମରେ ଶୁଣାଣି ହୋଇଥିଲା । ସାମାଜିକ କର୍ମୀ ଏବଂ ଅଧିବକ୍ତା – ଶ୍ରୀ ରାଜୀବ କୁମାର ପଟ୍ଟନାୟକ ଅଭିଯୋଗକାରୀ ଭାବେ ଆଜିର ଶୁଣାଣିରେ ଅଂଶଗ୍ରହଣ କରିଥିଲେ । ସେହିପରି ମାନ୍ୟବର ଅଧ୍ୟକ୍ଷ ଏବଂ ସଦସ୍ୟ ଶ୍ରୀ ଅସିମ ଅମିତାଭ ଦାଶଙ୍କ ଡିଭିଜନ ବେଞ୍ଚ – ୧ ରେ ତାଲିକାଭୁକ୍ତ ମୋଟ ୨ଟି ମାମଲାରୁ କଟକ ଜିଲ୍ଲାର ୧ଟି ମାମଲାର ଶୁଣାଣି ଆଭାସି ମାଧ୍ୟମରେ କରା ଯାଇଥିଲା । ଅଭିଯୋଗକାରିଣୀ ସୁଜାତାରାଣୀ ଦାସ ଏହି ଶୁଣାଣିରେ ଯୋଗ ଦେଇଥିଲେ ।

ଆଜିର ଏହି ଅଭାସି ଶୁଣାଣି କାର୍ଯ୍ୟକ୍ରମରେ ମାନ୍ୟବର ଅଧ୍ୟକ୍ଷ ସନ୍ତୋଷ ପ୍ରକାଶ କରିବା ସହ କହିଛନ୍ତି ଯେ ଦୂରଦୂରାନ୍ତରୁ ଆସୁଥିବା ଆବେଦନକାରୀ ଅବା ସେମାନଙ୍କ ଓକିଲ ଏଣିକି କମିଶନ ଅଫିସ ନ ଆସି ନିଜ ଘରେ ବସି ସେମାନଙ୍କ ମକଦ୍ଦମା ସଂକ୍ରାନ୍ତୀୟ ଶୁଣାଣି କରି ପାରିବେ । ଆଗାମୀ ଦିନରେ ଏହା ଆହୁରି ପରିବ୍ୟାପ୍ତ ହେବ ବୋଲି କମିଶନ ମତ ପ୍ରକାଶ କରିଛନ୍ତି ।

ସରୋଜ କୁମାର୍ ଶତପଥୀ
ଲୋକସମ୍ପର୍କ ଅଧିକାରୀ